ଭୀମ ଜନ୍ମ
ଅନେକ ସାନନ୍ଦ ହୋଇଲେ କୋଇନ୍ତାୟେ ପୁତ୍ରକଇଂ ଦେଖି
ଅତିଅନ୍ତ ସ୍ନେହେଣ ସେ ପାଳନ୍ତି ଯୁଝେଷ୍ଠିକି । ୧ ।
ସାତ ବରଷ ଯେ ହୋଇଲେ ଧର୍ମସୁତ
ଚାଲନ୍ତେଣ ଚରଣ ନ ବାଜଇ ଭୂମିଗତ । ୨ ।
ଦିନେକ ଦେହରେ କଣ୍ଟିଲା ମଶା ଗୋଟିୟେ
ଧୀର କରି ଉଡାଇ ଦିଲା ବାଳୁତ ତନୟେ । ୩ ।
ଦିନେକ ଲିମ୍ବ ଗଛରୁ ଝିଣ୍ଟିପିଟି ଗୋଟିଏ ପଡିଲା
ପର୍ବତରେ ପଡନ୍ତେଣ ସେହି ଅସାଷ୍ଟମ ହୋଇଲା । ୪ ।
ଖେଳୁଂ ଖେଳୁଂ ତାହା ଯୁଝେଷ୍ଟି କୁମର ଦେଖି
ଲକ୍ଷଣବନ୍ତ କୁମର ତାହା କାନରେଣ ଫୁଙ୍କି । ୫ ।
କୋଇନ୍ତାୟେ ଦେଖିଣ ତାହା ହୋଇଲେ ଆଶ୍ରିଯ
ବିଚାରନ୍ତି ୟେ ପୁତ୍ରରେ ନୋହିବ କିଛୁ କାର୍ଯ୍ୟ । ୬ ।
ଆଦ୍ୟହୁଂ ଗାନ୍ଧାରୀ ଯେ ଅଟଇ ହିଂସାକାରୀ
ୟେ ପୁତ୍ରକୁ ଘେନି କି କାର୍ଯ୍ୟ କରି ପାରି । ୭ ।
ଅତିହିଂ ଧର୍ମପଣେ କି ରହଇ ଛତ୍ରୀପଣ
ଦୁଖ ପଡି ଉପୁଜାଇଲି ନୋହିଲା କାରଣ । ୮ ।
ଭୋ ଧର୍ମପୁରୁଷ ୟେହେର୍ଣ୍ଣେକ ମୋର କର୍ମ
କେବଣ ପାପକ୍ଷଣେ ହୋଇଲି ମୁହିଂ ଜନ୍ମ । ୯ ।
----------
୯ ।୨ କେବଣ ପାପକର୍ମେ ହୋଇଲି ମୁହିଂ ଜନ୍ମ ।

ସ୍ତିରୀ ଜନ୍ମରେ ମୁଂ ହୋଇଲି ଅସତୀ
କେତେ ଭ୍ରଥାରେ ଦିନ ଯିବ କର୍ମର ଅଗତି । ୧୦ ।
ପ୍ରଥମେ ଆଦିତ୍ୟ ଦୁଜେଣ ପଣ୍ଡୁରାୟେ
ତୃତୀୟେ ଧର୍ମଦେବତା ବୀର୍ଯ୍ୟ ପ୍ରଦାନ କୟେ । ୧୧ ।
ୟେତେକେହେଂ ଭୋ ଧର୍ମଦେବତା ନୋହିଲା ମୋର କାର୍ଯ୍ୟ
ୟେତେ ବଡ ରାଜକୁଳେ ଉପୁଜି ଲେଛିଲି ସର୍ବ ଲାଜ । ୧୨ ।
ସଂସାରେ ଉପୁଜି ଦେବ ନ କଲି କିଛି ଧର୍ମ
କେମନ୍ତେ କରି ମୁକତ କରିବଟି ଯମ । ୧୩ ।
ରାଗ ମୋହ ଅହଙ୍କାର ଥିଲେ ଉପୁଜିଟି ଅନେକ ପାପ
ରାଜପଦେ ବସିଲେ ବଡାଇ ପରତାପ । ୧୪ ।
ୟେତେକ ବିଚାର କରନ୍ତେଣ ଦେବୀ ବସି
ଆଦିତ୍ୟ ଅସ୍ତ ହୋଇଲେ ପ୍ରବେଶ ଆସି ନିଶି । ୧୫ ।
ଅନ୍ଧାରି ବିଜେ କଲେ ପଣ୍ଡୁ ଗହନ ବିପିନେ
ବେନି ଭାରିଜା ପୁତ୍ର ଗୋଟି ଅଛନ୍ତି ସେ ସ୍ଥାନେ । ୧୬ ।
ମାଦ୍ରୀର କୋଳେ ଦେବୀ ସମର୍ପିଲେ ପୁତ୍ର ଗୋଟି
ଗୀତରସେ ମଦନା ନିଦ୍ରା କରଇଲା ଯୁଝେଷ୍ଠି । ୧୭ ।
ଶ୍ରାବଣ ଶୁକଳ ପକ୍ଷ ତୃତୀୟାର ତିଥି
ତୃତୀୟା ତେର ଦଣ୍ଡ ଉତ୍ତାରେ ଚଉଠୀ ବାର ବୃହସ୍ପତି । ୧୮ । horoscope
ନକ୍ଷତ୍ର ଯେ ପୂରା ସେ ଦିନର ଭୋଗ
ତତ୍ତୁଲ୍ୟ ନାମେ କରଣ ସିଦ୍ଧ ନାମେ ଯୋଗ । ୧୯ ।
ଶେଯ୍ୟାୟେକ ସୁସଜ୍ଜ ଯେ ଆପଣେ କୋନ୍ତା ଦେବୀ କଲେ
ତହିଂର ଉପରେ ବସି ଦୁର୍ଭାସାଙ୍କର ଜପାମାଳୀ ଘେନିଲେ । ୨୦ ।
ପଞ୍ଚଭୁତ ଆତ୍ମାରେ ଲୟେ କରିଣ ଦେବୀ କୋଇନ୍ତା

ଧ୍ୟାନେଣ ସୁମରିଲେ ସେ ଦୁର୍ଦ୍ଧର୍ଷ ପବନ ଦେବତା । ୨୧ ।

------------

୧୦ ।୨ କେତେ ଭ୍ରଥାରେ ଦିନଯିବ କର୍ମର ଅପ୍ରୀତି
କେତେ ଭ୍ରଥାରେ ଦିନଯିବ ହୋଇଲି ଅଗତି ।
୧୪ ।୨ ରାଜଦ୍ୱନ୍ଦେ ପଶିଲେ ବଢଇ ପରିତାପ ।
୧୨ ।୨ ଲେଛିଲି-ଛାଡିଲି
୧୪ ।୨ ପରତାପ-ପ୍ରତାପ

ଅମୃତ ପୁରୁଷ ସେ ଋଷିର ମହାମନ୍ତ୍ରେ
ବିଜେ କଲେ ପବନ ଦେବତା କୋଇନ୍ତାଙ୍କର ଶେଯ୍ୟାଇ ଯୁଗତେ । ୨୨ ।
ବାମ କରେ ପାଶ ଯେ ଦକ୍ଷିଣେ ମୁଦୁଗର ପୁଣି
ତେଖିଣ ପଚାରନ୍ତି କୁନ୍ତଭୋଜର ଦୁଲଣୀ । ୨୩ ।
ମହାପ୍ରଚଣ୍ଡ ତେଜ ଦିଶଇ ଲୋହିତ ବର୍ଣ୍ଣ ରୂପେ
ଅଦଭୁତ ମହାତ୍ମା କାହୁଂ ବିଜେ କଲୁ ମୋହୋର ସମୀପେ । ୨୪ ।
ବଦୟନ୍ତି ଶୁନ୍ୟେ ପୁରୁଷ ତୁ ଯାହା ସୁମରିଲୁ କୋଇନ୍ତା
ଚେତନା ପୁରୁଷ ହାଦେ ମୁଂ ପବନ ଦେବତା । ୨୫ ।
ତୁ ମୋତେ ଅଭିଳାଷ କଲୁ କୋନ୍ତଭୋଜର ଦୁଲାଳୀ
ଅମୃତ ପୁରୁଷ ମୁଂ ବିଜେ କଲି ଦୁର୍ଭାସାଙ୍କର ମନ୍ତ୍ର ଭୟେ କରି । ୨୬ ।
ସରୂପ ଜାଣି ଦେବୀ ସଲଜ୍ଜିତ ମତି
ପବନ ଦେବତାୟେ କୋଇନ୍ତାଙ୍କୁ କୋଳେ ଧଇଲେ ତତକ୍ଷଣାନ୍ତି । ୨୭ ।
ୟେସନେକ ପ୍ରଭୁ ଭାରିଯା ବିବସନଶାହୀ
ମଦନା ହିଂ ଯତନେ ଛାଡିଗଲା ସନ୍ନିଧ୍ୟେ କେହି ନାହିଂ । ୨୮ ।
ମରୁତ ଦେବତା ତୁଲେ ଯହୁଂ ଶୃଙ୍ଗାରକୁ ଇଛା
ବଢିଲା ରତିରଙ୍ଗ ଓହୋ କୁଳର ମନବାଞ୍ଛା । ୨୯ ।
ଚନ୍ଦ୍ର ପବନ ଘେନି ପଞ୍ଚିଶ ପ୍ରକୃତି
ବଳବନ୍ତ ଦେବତାର ଶୃଙ୍ଗାର ସହିଲା ସେ ଅନାଦି ଶକତି । ୩୦ ।
ଚନ୍ଦ୍ରମେଳକ ଘେନି ବିଷ୍ଣୁ ବାତ ପ୍ରସନ୍ନେ
ଛାଡିଲା ମହାବୀର୍ଯ୍ୟ ସେ ଦୁର୍ଦ୍ଧର୍ଷ ପବନେ । ୩୧ ।
ପବନ ଦେବତାର ସେ ଅମୋହ ରେତ ପଡି
ମୂର୍ଚ୍ଛାଗତ ହୋଇ ପଡିଲେ କୋଇନ୍ତାୟେ ସହିତ ନୁଆରି । ୩୨ ।
କୋଳ କରି ଧଇଲେ ପବନ ଦେଇଣ ଜୀବନ୍ୟାସ
ଆପଣାର ଆତ୍ମା ଯାଇ ତାହାର ଗର୍ଭରେ ପ୍ରବେଶ । ୩୩ ।

-----------

୨୯ ମରୁତ ଦେବତା ଦେବୀ ଶୃଙ୍ଗାର ରସ ଇଛା ।
ବଢିଲାକ ଶୃଙ୍ଗାର ପୂରିଲା ମନବାଞ୍ଛା । ।
୩୧ ।୧ ଚନ୍ଦ୍ରବଳ ଘେନି ବିଷ୍ଣୁବାତ ପ୍ରସନ୍ନେ (ପବନେ)
୩୨ ।୧ ଅମୋହ-ଅମୋଘ

ଯହୁଂ ମହାଭାରା ସହି ନ ପାରିଲେ ଦେବୀ କୋନ୍ତୀ
ସଇନ୍ଧୁ ପୁତ୍ରେକ ଯେ ହୋଇଲା ଉତପତ୍ତି । ୩୪ ।
କୋଇନ୍ଥାଙ୍କର ଗର୍ଭରୁ ପୁତ୍ରେକ ଅବତରି
ଥରହର କ-ୁ ଅଛି ଚାରିଶତ ଯୁଣ ଶତଶିଂଗ ଗିରି । ୩୫ । ସଂଖ୍ୟା
ପୁତ୍ରାବେ କ-ିଲା ଆକାଶ ସପତ ବ୍ରହ୍ମାଣ୍ଡ
ଆଠଲକ୍ଷ ପର୍ବତ ଘେନି କ-ିଲା ମେଦିନୀ ନବଖଣ୍ଡ । ୩୬ । ସଂଖ୍ୟା
ପୁତ୍ର ଦେଖି ପବନ ଦେବତା ସାନନ୍ଦ ଚିତ୍ତେ

ଦେଖଇ ଭୁବି ଭୁବନ ସେ କ- ଇ ଅପ୍ରମିତେ । ୩୭
ଦେବରାଜା ଗିରିରାଜା କ- ଇ ଯମରାଜା
ଭୀମସେନ ନାମ ଦିଲେ ପବନ ଦେବରାଜା । ୩୮ ।
ପୁତ୍ରକଇ ନାମ ଦେଇ ସେ ଚଳିଲେ ପବନ ପୁଣି
ନନ୍ଦନ ଦେଖି ସାନନ୍ଦ କୁନ୍ତଭୋଜର ଦୁଲଣୀ । ୩୯ ।
ମହାଘୋର ଅନ୍ଧକାର ବରଷନ୍ତି ମେହେ
କ୍ଷେପନ୍ତି ବଳାହକେ ଯେହ୍ନେ ବିଜୁଳି କନକରେହେ । ୪୦ ।
ପୁତ୍ରଗୋଟି ଘେନି ଦେବୀ ରାତ୍ରକାଳେ ପର୍ବତେ ଅଛଇଂ ବସି
ମହାମତ୍ତ ବ୍ୟାଘ୍ରେକ ଗର୍ଜନ କଲା ଆସି । ୪୧ ।
ବ୍ୟାଘ୍ରର ଗର୍ଜନ ଶୁଣି ତ୍ରାସିଲେ ଦେବୀ କୋଇନ୍ତେ
ଭୟେଣ ଛାଡି ପଳାଇଲେ ପୁତ୍ରକୁ ପକାଇ ଶତଶିଂଗ ପର୍ବତେ । ୪୨ ।
ଚାରିଶତ ଯୋଜନ ଯେବଣ ମହାଗିରି
ସେ ପର୍ବତ ରସାଂଗତ ହୋଇଲା କୁମର ଯହୁଂ ପଡି । ୪୩ ।
ମହାଭାରା ପର୍ବତ ଯହୁଂ ପଶିଲା ରାସାନ୍ତଳେ
ଦେଖିଣ ତ୍ରାସିଲେ ସକଳ ଦିଗପାଳେ । ୪୪ ।
ପୁତ୍ରନ୍ତ ତଳେ ପକାଇ କୁନ୍ତୀ ପଳାଇଲେ ଡରେ
ଧାଡିକାରେ ଉଠିଲେ ସେ ବୃକ୍ଷର ଉପରେ । ୪୫ ।
-----------------
୩୯ ।୧ ପୁତ୍ରକଇ ନାମ ଦେଇ ସେ ଚଳିଲେ ପ୍ରାଣମଣି ।
୪୦ ।୧ ମେହେ-ମେଘେ  ୪୦ ।୨ ରେହେ-ରେଖେ ।
୪୧ ।୨ ପୋଥିମାନଙ୍କରେ ବ୍ୟାଘ୍ର ସ୍ଥାନରେ ବ୍ରାଘ ଅଛି ।

ପର୍ବତେ ପଡି କାନ୍ଦଇ ସେ ବାଳଶିଷି
ଶ୍ରାବଣମାସ ଘୋର ଅନ୍ଧକାର ପଛିମୁଂ ବତାସ କରି ବରଷି । ୪୬ ।
ପଡିଅଛି ନନ୍ଦନ ଉତ୍ତାନଶାହୀ ହୋଇଂ
କାନ୍ଦଇ ନନ୍ଦନ ଯେ ବାଳୁତ ରାବ ଦେଇ । ୪୭ ।
ଗର୍ଜନ ନାଦ କରି ଧାମଇ ମତ୍ତ ବ୍ରାଘ
ପୁତ୍ରକୁ ଘୋଟିଲା ସେ କରିବ ଆଧାର ଯୋଗ । ୪୮ ।
କାନ୍ଦଇ ସେ ଭୀମସେନ ଚରଣ ହଲାଇ
ବ୍ୟାଘ୍ରର ମୃଧୁନିରେ ବାଜିଲା ପାଦ ଯାଇ । ୪୯ ।
ଭୀମର ଦକ୍ଷିଣ ଚରଣ ବାଜିଲା ବ୍ୟାଘ୍ରର ମୃଧୁନା
ବାଜନ୍ତେ ମୃଧୁନା ତାର ହୋଇଲା ଶତେ ଚୂନା । ୫୦ ।
ରୁଧିର ବୃଷ୍ଟି ହୋଇ ପଡିଲାକ ବ୍ୟାଘ୍ର
ରଜନୀ ପ୍ରଭାତ ହୋଇଲା କାନ୍ଦଇ ଯେ ପୁତ୍ର । ୫୧ ।
କୋଇନ୍ତାୟେ ଉଠିଛନ୍ତି ବୃକ୍ଷର ଉପରେ
ପଣ୍ଡୁ ଆସି ହୋଇଲେ ଶତଶିଂଗ ପର୍ବତରେ । ୫୨ ।
ଦେଖିଲେ କାନ୍ଦୁଅଛି ସୁନ୍ଦର ବାଳୁତ
ପୁତ୍ର ପାଦତଳେ ବ୍ୟାଘ୍ର ହୋଇଅଛି ହତ । ୫୩ ।
ପୁଣ ଯେ ରୋଦନ କରନ୍ତେ ବାଳୁତ
ସରୂପ ଦେଖିଣ ପଣ୍ଡୁ ହୋଇଲେ ଚକିତ । ୫୪
------------
୪୭ ।୧ କାନ୍ଦଇ ନନ୍ଦନ ଯେ ମେଘ ଗରଜଇ ।
୫୦ ବାଳୁତ ପୁଅର ପାଦ ବାଜି ବ୍ୟାଘ୍ରର ମୃଧୁନ
ବାଜି ବ୍ୟାଘ୍ର ମୁଣ୍ଡ ହୋଇଲା ଶତେ ଚୂର୍ଣ୍ଣ ।
ଅନ୍ୟ ପୋଥିରେ-

୫୧ ରୁଧୀର ବୃଷ୍ଟି ହୋଇଁପଡିଛି ବ୍ୟାଘ୍ରବର ।
ରଜନୀ ପ୍ରଭାତ ହୋଇଲା ପଡିଛି ପର୍ବତ ଉପର ।।
ପଣ୍ଡୁ ଆସି ହୋଇଲେ ଶତଶିଂଗ ପର୍ବତେ ।
ଦେଖିଲେ ରୋଦନ କରଇ ସୁନ୍ଦର ବାଳୁତେ ।।
ପୁତ୍ର ଦେଖି ପଣ୍ଡୁରାଜା ହୋଇଲେ ହରଷ ଚିତ୍ତ ।
ବିଚାରଇ କେବଣ ମାୟା ଯେ ରୋଦନ, କରଇ ବାଳୁତ ।।
୪୭ ।୧ ଉତ୍ତାନଶାହୀ-ଉତ୍ତାନଶାୟୀ
୪୮ ।୨ ଆଧାର-ଆହାର
୪୮ ।୧ ବ୍ରାଘ-ବ୍ୟାଘ୍ର

ଚଉଦିଗକୁ ଅନାଇ ଅମ୍ବାଳିକା ସୁତ
ଭାଳିଲେ ମାୟା କରିଛି କେବଣ ଦଇବତ । ୫୫ ।
କେବଣ ମହାତ୍ମା ଯେ ପୁତ୍ର ଗଲା ଛାଡି
କେଣିକି ଗଲା ପୁତ୍ର ଯେକା ଅଛି ପଡି । ୫୬ ।
ଅନଙ୍ଗ ଶରୀର ଜାଣି ବ୍ରହ୍ମାଣ୍ଡ ତେଜ ଫୁଟି
ବିଚାରନ୍ତି ପଣ୍ଡୁରାୟେ ଯେ କାହାର ପୁତ୍ର ଗୋଟି । ୫୭ ।
ସ୍ୱାମୀକି ଦେଖିଣ କୋନ୍ତଭୋଜର କୁମାରୀ
ଭୟ ଛାଡିଣ ଦେବୀ ବୃକ୍ଷରୁ ଅବତରି । ୫୮ ।
ପଣ୍ଡୁର ଦେଖନ୍ତେଣ ଯେ କାନ୍ଦଇ କୁମର
ବାମପାଦ ଅଙ୍ଗୁଷ୍ଠି ବୋଜିଲା ପର୍ବତ ଶିଖର । ୫୯ ।
ଅନାଦି ସିଦ୍ଧ ସେ ଅଟଇ ଗିରିବର
ଶିଂଗ ତୁଟନ୍ତେ ଅନୁବ୍ରତେ ବହୁଅଛି କ୍ଷୀର । ୬୦ ।
ଶିଂଗ ଦ୍ୱାଦଶ ଯୋଜନ ତଳି ଶତେ ଯୋଜନ ଶିର
ବାମପାଦ ଅଙ୍ଗୁଷ୍ଠି ଲାଗି ହୋଇଲା ଶତେ ଚୂର । ୬୧ ।
କୋପେ ପ୍ରଜ୍ୱଳିତ ହୋଇଇଲା ଡିଙ୍ଗର
ପ୍ରଥମରେ ପାଦ ମତେ କଲୁ ରେ ପ୍ରହାର । ୬୨ ।
ରାଗେଣ ବ୍ୟଥା ପାଇ ବୋଇଲା ଗିରିବର
ବାଳୁତ ବୟସୁଂ ଯେତେ ପ୍ରାକର୍ମ ତୋହୋର । ୬୩ ।
ଜନ୍ମ ହୋଇଲୁ ତୁ ମୋହୋର କୋଳର
ମୋର ଶାପ ତୋତେ ଫଳୁ ରେ ମରୁତ କୁମର । ୬୪ ।
ଆରେ ଆରେ ଭୀମା ତୁ ପ୍ରଥମ ଯୁଦ୍ଧେ ହାର । ୬୫ ।
ଯେସନେକ ଶାପ ଯହୁଂ ଗିରିବର ଦିଲା
ଆସିଣ କୋଇନ୍ତା ଦେବୀ ପୁତ୍ରନ୍ତ ସମ୍ଭାଳିଲା । ୬୬ ।
ପଣ୍ଡୁ ପୁଛା କଲେ କୋନ୍ତା ଯେ କାହାର ନନ୍ଦନ
ଯେ ପୁତ୍ର ଦେଖି ସାନନ୍ଦ ହୋଇଲା ମୋ ମନ । ୬୭ ।
-----------
୫୫ ।୨ ଦେବକୁମାର ପ୍ରାୟେ ଦିଶେ ପୁଣ ଯେ ତ ।।
୬୦ ।୨ ଶିଂଗ ତୁଟନ୍ତେ ଅନୁବ୍ରତେ ବହଇ ରୋଧିର ।।
୬୨ ।୨ ପ୍ରାକର୍ମ-ପରାକ୍ରମ

ଆହୋ ସ୍ୱାମୀ ତୁମ୍ଭେ ଛାଡିଣ ଗଲ ଯେବଣ ରାତି
ମେଘ ଅନ୍ଧାର କରି ବରଷଇ ଘୋରମୂର୍ତ୍ତି । ୬୮ ।
କାମେଣ ସୁମରିଲି ମୁଂ ପବନ ଦେବତାଙ୍କୁ
ସେ ମହାପୁରୁଷ ଆସି ଆବୋରିଲେ ମୁକୁ । ୬୯ ।
ତାହାରେଣ ପୁତ୍ରେକ ପ୍ରାପତ ହୋଇଲା ଯେ ମୋତେ

ଭୀମସେନ ନାମ ଯେହାକୁ ଦିଲେକ ମରୁତେ । ୭୦ ।
ଶୁଣିଣ ପଣ୍ଡୁରାୟେ ହୋଇଲେ ଅନେକ ଉଷତ
ବୋଇଲେ ପୁତ୍ର ଗୋଟି ମୋର କୋଳେ ଦିଅସି ସଂଘାତ । ୭୧ ।
ଯେତେ ବୋଲି ପୁତ୍ରକୁ ଧଇଲେ ପଣ୍ଡୁ ନରନାଥ । ୭୨ ।
ଯେ ପର୍ବତ ଶାପ ଦିଲା ଯେ ପୁଅକୁ
ଅନେକ ବିନୋୟୀ ହୋଇ ଦେବୀ କହିଲେ ପର୍ବତକୁ । ୭୩ ।
ହେ ମହତ ପର୍ବତ ଆମ୍ଭେ ସମ୍ଭାଳିଲୁ
ପବନ ଦେବତାର ପୁଅର ଆର୍ଢୋଳି ସହିତ ନୁଆରିଲୁ । ୭୪ ।
ତୋହୋର ତହିଂ ଆମ୍ଭେ କରୁଅଛୁଂ ବାସ
ତୁ ସୟଳ ଆମ୍ଭର ଯେ ସହିବୁ ଦଶ ଦୋଷ । ୭୫ ।
ନିକଳଙ୍କ କରି ମୁଂ ଯେ ପୁତ୍ର କଲି ଜାତ
ବାଳୁତକୁ କୋପ କିେ  କଲୁ ହେ ମହତ ପର୍ବତ । ୭୬ ।
ପୁତ୍ରକଇ ଶାପ ମୋର ଦିଲୁ ନ ବିଚାରି
ତୁମ୍ଭଙ୍କୁ କାଟନ୍ତୁ ଜନେ ଖଣ୍ଡ ଖଣ୍ଡ କରି । ୭୭ ।
ଆବର ଶାପ ଦେଇଂ ଲୋଡୁଛଇ କୋନ୍ତେ
ବିନୟ ଭାବ ହୋଇ ବୋଲାଇ ପରବତେ । ୭୮ ।
ରାଗେଣ ଯେବଣ ଶାପ ଦେଲୁସି ଗୋ ମାୟେ
ଖଣ୍ଡ ଖଣ୍ଡ କରାଇଲୁ ଅତୁଟ ମୋର କାୟେ । ୭୯ ।
ଆହୁରିହିଂ ଶାପ ଦେଇ ଲୋଡୁଅଛୁ ମୋତେ
ରହ ରହ ମାତା ଗୋ ମୁଂ ପ୍ରସନ୍ନ ହୋଇଲ ହିଂ ତୋତେ । ୮୦ ।

-------------

୬୯ ।୧  ତ୍ରାସେଣ ସୁମରିଲି ପବନ ଦେବତାଙ୍କୁ
୭୦ ।୧  ତାହାର କଲ୍ୟାଣେ ପୁତ୍ର ପ୍ରାପତ ହୋଇଲାକ ମୋତେ । ।
୭୫ ।୨  ପବନ ଦେବତା ଅରୋପଣଏ ବିସରିଲୁ । ।
୭୫ ।୨  ଆବର ଅଚଳ ତୁ ସହିବୁ ନା ସର୍ବ ଦୋଷ ।

ଅବଶ୍ୟ ଯେ ପୁତ୍ର ତୋର ପ୍ରଥମ ଯୁଝରେ ହାରିବ
ଦୁଜ ଯୁଝରେ ମୋତେ ସୁମରଣା କରିବ । ୮୧ ।
ପବନର ବୀର୍ଯ୍ୟେ ଜାତ ଯେ ତୋହୋର ପୁତ୍ର ଭୀମ
ଶତେ ସିଂଘର ଯେହାର ହୋଇବ ପରାକ୍ରମ । ୮୨ ।
ମୁଂ ଯେତେବେଳେ ବସିବି ଯେହାର ଦକ୍ଷିଣ ପାଣି
ବ୍ରିକୋଦର ମୂରିତ ହୋଇବ ବ୍ରହ୍ମାଣ୍ଡ ଶିରୋମଣି । ୮୩ ।
ଯଦ୍ୟପି ବ୍ରହ୍ମା ବିଷ୍ଣୁ ମହେଶ୍ୱର ହୋଇବ
ବ୍ରିକୋଦର ମୂରତି ଦେଖି ସବୁନ୍ତି ଭୟେ ଉପୁଜିବ । ୮୪ ।
ଯେତେବେଳେ କ୍ରୀଡାକଲୁ ନିରଞ୍ଜନ ଦେବତାଙ୍କୁ ଘେନି
ତୋହୋର ନାମ ଗୋଟା ଗୋ ପ୍ରତକ୍ଷେ ନିରଞ୍ଜନୀ । ୮୫ ।
ପବନକଇ ଘେନିଣ ରମଣ କଲୁ ଗୋ ଆଜ ରାତି
ପ୍ରଭଞ୍ଜନୀ ନାମ ତୋର ଆଜ ହୁଂ ଦେବୀ କୋନ୍ତୀ । ୮୬ ।
ସତ୍ୟଯୁଗ ଅନ୍ତେ ତ୍ରେତୟା ଯୁଗେ ଗଉତମ ମହାମୁନି
ଅହଲ୍ୟା ମହାସତୀ ଗୋ ତାହାର ଭାବିନୀ । ୮୭ ।
ଋଷିଙ୍କର ଘରେ ଉତପତ୍ତି ଅନାଦିରୂପ ଘେନି
ପିତାମାତାୟେ ନାମ ତୋର ଦିଲେ ପ୍ରଭଞ୍ଜନୀ । ୮୮ ।
ସେ ଜନମେ ସହିଲୁ ତୁ ବୀର୍ଯ୍ୟଦାତା ମରୁତ
ମହାବଳବନ୍ତ ତୋର ତହୁଂ ଜାତ ହୋଇଲେ ହନୁମନ୍ତ । ୮୯ ।
ତ୍ରେତୟା ଯୁଗେ ପ୍ରଦାନ ତୋତେ ହୋଇଲେ ଉତଙ୍ଗ

ପୁଣି ପବନେ ହୋଇଲା ତୋର ରତି ରଙ୍ଗ । ୯୦ ।
ସେ ମହାବୀର୍ଯ୍ୟର ଭାରା ତୁହି ସିନା ସହୁ
ପୃଥୀର ନିମନ୍ତେ ତୁହି ମହାଭାରା ଯେ ବହୁ । ୯୧ ।
ଯେବେ କୋନ୍ତ ଭୋଜର ଘରେ ହୋଇଲୁ ଉତପତ୍ତି
ପ୍ରଥମରେ ତୋଷିଲୁ ଗୋ ଦୁର୍ଭାସା ମହାଯତି । ୯୨ ।
ସେ ତୋତେ ପ୍ରସନ୍ନ ହୋଇଲେ ଦୟା ପ୍ରତିପାଳି
ଅଜପା ମହାମନ୍ତ୍ରେଣ ଦିଲେକ ଜପାମାଳୀ । ୯୩ ।
--------------
୮୧ ।୨  ଦୁଜ ଯୁଦ୍ଧରେ ମୋତେ ଯେ ବାରେକ ସୁମରିବ ।
୮୭ ।୨  ଅହଲ୍ୟା ମହାସତୀ ଗୋ ତାହାର ଘରଣୀ ।
୯୦ ।୧  ଉତଙ୍ଗ-ଉତଙ୍କ

ତୁ ଯେ ପରମ ବୈଷ୍ଣବୀ ଦେବୀ ଯେ ଅର୍ଣ୍ଣପୂର୍ଣ୍ଣା
ମୋତେ ସେ ଦୟାକର ଗୋ ପଣ୍ଡୁରାଜା ବାମା । ୯୪ ।
ଶୁଣିଣ ସନ୍ତୋଷ ଯେ କୋଇନ୍ତା ହୋଇଲେ
ତୁ ମହତ ଗିରିବର ବୋଲିଣ ବୋଇଲେ । ୯୫ ।
ମୋହୋ ଶାପ ତୋତେ ନୋହିବାକ ଆନ
ଥୋକାୟେ ଖଣ୍ଡ ହୋଇ ହୋଇବ ଦେବତାମାନ । ୯୬ ।
ଜଗତଯାକ ତୋତେ ଆରାଧନା କରିବେ
ତୋହୋର ଥିଲା ଥାନେ ଦେବତାୟେ ବସିବେ । ୯୭ ।
ବଦନ୍ତି ଅଗସ୍ତ ଶୁଣସି ମହାରଥା
ଶୁଣ ସାବଧାନେ ଭୀମସେନର ବାଳକାଳ କଥା । ୯୮ ।
ଭୀମକୁ ଶୁଆଇଣ ଦେବୀ କୋନ୍ତ ଭୋଜର କୁମାରୀ
ରାନ୍ଧଣା ବିଧି ଯୋଗାଡମାନ ଦେବୀ ସାରି । ୯୯ ।
ମାଦ୍ରୀ କୋଇନ୍ତାୟେ ଗଲେ ଗଙ୍ଗା ଯେ ସ୍ନାହାନେ
ପଣ୍ଡୁ ରହିଛନ୍ତି ଯେ ଉଦ୍ଧାଳକ ବନେ । ୧୦୦ ।
ରାନ୍ଧଣାଶାଳରେ ସେ ପଶିଲା ମାରୁତି
ପାକଶାଳେ ଯାଇ ମିଳିଲା ତତତି । ୧୦୧ ।
ଭାତ ତିଉଣ ଯେତେ ଥିଲାଟି ରାନ୍ଧଣା
ସବୁଠାରୁ ଅଧେ ଅଧେ ଭୁଞ୍ଜଇ ବାଳୁତ ଦୁଲଣା । ୧୦୨ ।
ବାହୁଡିଣ ଆସି ଭୀମସେନ ସେହିଠାରେ ଶୁତେ
ସ୍ନାହାନ ସାରି ଅଇଲେ ଦେବୀ ଯେ କୋଇନ୍ତେ । ୧୯୩ ।
ପଣ୍ଡୁ ବିଜେ କଲେ ନିତ୍ୟକର୍ମ ସାରି
ମଣୋହିଠାରେ ସେ ବିଜୟେ ଦଣ୍ଡଧାରୀ । ୧୦୪ ।
କୋଇନ୍ତା ଦେବୀ ବିଜେ କଲେ ରାନ୍ଧଣାଶାଳରେ
ଦେଖିଲେ ଅଧେ ଅଧେ ନାହିଂ ରାନ୍ଧଣଆ ହାଣ୍ଡିରେ । ୧୦୫ ।
ବାହୁଡି କହିଲେ ଯାଇ ପଣ୍ଡୁରାଜା ଆଗେ
ଭୋ ଦେବ ଅଧେ ଅଧେ ନାହିଂ ରାନ୍ଧଣା ଯୋଗାଡ ପାଗେ । ୧୦୬ ।
----------
୧୦୦    ମାଦ୍ରୀ କୋନ୍ତୀ ଦୋହେଂ ଗଲେ ସ୍ନାନସାରି ।
ପଣ୍ଡୁ ଯେ ରହିଛନ୍ତି ଉଦ୍ୟାନ ନାମେ ଗିରି ।।
୧୦୩ ।୧ଶୁତେ-ଶୁଏ

ପଣ୍ଡୁ ବୋଇଲେ ଶିଝିଲାର ପଂକୁ ଅନ୍ନ
ବିଶୋଇଲେ ହୁଅଇ ସେ ଅଳପ ବିଧାନ । ୧୦୭ ।

ଆହୁତିକ ଆଧାର ଦିଲେ ଅନ୍ନ ଯେ ମେଞ୍ଜନ
ଦେବ ପିତୃ ଦେଇ ଆପଣେ କଲେକ ଭୋଜନ । ୧୦୮ ।
ଏହିମତି ବାଳୁତ ଭୁଞ୍ଜଇ ନିତି ପ୍ରତି
ଦିନୁଂ ଦିନୁଂ ଆଧାରେ ବଢିଲା ପୀରତି । ୧୦୯ ।
ପୁଆଇ ପୁଆଇ କରି ଭୁଞ୍ଜୁ ଭୁଞ୍ଜୁ ଅଳପ ରହିଲା
ଏହିମତ ବରଷ ପରିଯନ୍ତେ ଗଲା । ୧୧୦ ।
ଜ୍ୟେଷ୍ଠମାସ କୃଷ୍ଣପକ୍ଷ ଚଉଠି ସୌରିବାର
ଉତ୍ତରାଷାଢା ନକ୍ଷତ୍ର ଭୋଗ ସେ ଦିନର । ୧୧୧ । horoscope
ବବନାମେ କରଣ ସିଦ୍ଧି ନାମେ ଯୋଗ
ଋଷଭ ସଂକ୍ରାନ୍ତିକି ଦ୍ୱାଦଶ ଦିନ ଭୋଗ । ୧୧୨ ।
ସେଦିନ ପାକଶାଳେ ପଶିଣ ବାଳଶିଷି
ମହାସରାଗ କରି ସମସ୍ତ ଗରାସି । ୧୧୩ ।
ଭୁଞ୍ଜୁ ଭୁଞ୍ଜୁ ନନ୍ଦନ ସମସ୍ତ କଲା ଭକ୍ଷା
ଯୋଗାଡ ସରିଲା ହାଣ୍ଡିମାନ ହେଲା ତୁଚ୍ଛା । ୧୧୪ ।
ବାହୁଡି ଶୋଇଲା ଯାଇ ଶଯ୍ୟାରେ ଯୁଗତେ
ସ୍ନାହାନ ସାରି ପ୍ରବେଶ ହେଲେ ଦେବୀ କୋନ୍ତେ । ୧୧୫ ।
ପଣ୍ଡୁ ବିଜେ କଲେ ଆସି ଆପଣା ଆସନେ
କୋଇନ୍ତାୟେ ବିଜେ କଲେ ପାକଶାଳା ଭୁବନେ । ୧୧୬ ।
ପ୍ରଥମ ଓରେୟାରେ ଦେଖିଲେ ତହିଂ କିଛି ନାହିଂ
ଆଶ୍ଚିଜ ହୋଇଲେଦେବୀ ସମସ୍ତ ପାକ ଚାହିଂ । ୧୧୭ ।
ବିସ୍ମୟେ ହୋଇ ପ୍ରବେଶ ହୋଇଲେ ପଣ୍ଡୁ ରାଜାଙ୍କର କତି
କେବଣ ଚରିତ ବୋଲି ପୁଛା କୟେ ପଣ୍ଡୁ ନୃପତି । ୧୧୮ ।
-------------
୧୦୭ ।୨ବିଶୋଇଲେ-ବିଶ୍ରାମ କରିବା ପରେ-ରହିଗଲା ପରେ
୧୦୮ ।୧ମେଞ୍ଜନ-ବ୍ୟଞ୍ଜନ ୧୧୦ ।୧ ପୁଆଇ-ଅନ୍ନ ବ୍ୟଞ୍ଜନାଦି ପ୍ରାପ୍ତ କରାଇ
୧୧୧ ।୧ସୌରିବାର-ସୂର୍ଯ୍ୟପୁତ୍ର ଶନିବାର
୧୧୭ ।୧ଓରେୟା-ଓରିଆ-ଉରିଆ-ଅନ୍ନପାତ୍ର

କୋଇନ୍ତାୟେ ବୋଇଲେ ଦେବୀ ମଣୋହି ଯୋଗାଡ
କିଛିହିଂ ନାହିଂ ଦେବ ହାଣ୍ଡିମାନଙ୍କର । ୧୧୯ ।
ପଣ୍ଡୁ ପ୍ରତିବାଚ ତୁ ଥିର ହୋଇଥାଅ ପ୍ରିୟା
ତଦନ୍ତ କରି ଦେବୀ ବୁଝିବା ଆମ୍ଭେ ୟେହା । ୧୨୦ ।
ଶୀତଳ ଦ୍ରବ୍ୟମାନ ଭୁଞ୍ଜିଲେ ନୃପମଣି
ଦିନ ଅସ୍ତ ଗଲା ପାହିଲା ରୟଣୀ । ୧୨୧ ।
ପଣ୍ଡୁ ବୋଇଲେ ଆଜ କ୍ଷୁଧା ବଡ ଲାଗି
ଦୁଗୁଣା ମଡ଼ଫୁଲି ରାନ୍ଧଣା କର ବେଗି । ୧୨୨ ।
କୋଇନ୍ତା ମାଦ୍ରୀ ଯେ ପାକ ସଞ୍ଚା କଲେ
କବାଟ କିଳି ତିନିହେଂ ସ୍ନାହାନକୁ ଗଲେ । ୧୨୩ ।
ବଦୟନ୍ତି ଅଗସ୍ତି ଶୁଣସି ମହତ
ଭୀମସେନ ବାଳୁତ କୁତୁହୋଳ ଚରିତ । ୧୨୪ ।
ଶୋଇଲା ଠାବରୁ ଗୁଳୁଗୁଞ୍ଚା ମାରି ଉଠି
ରାନ୍ଧଣା ଶାଳେ ପଶି ପାକନ୍ତ କରଇ ଅଇଂଠି । ୧୨୫ ।
ପଣ୍ଡୁ ଗୁପତ ହୋଇ ବସିଥିଲେ ପରବତେ
ଧାତିକାରେ କବାଟ ଫେଡିଣ ପଶିଲେ ଗୃହଗତେ । ୧୨୬ ।
ମଡଫୁଲି ଘରେ ଯେ ପଶିଲେ ଗୁପତ ହୋଇ

ଦେଖିଲେ ଭୀମସେନ ପାକନ୍ତ ସବୁ ଖାଇ । ୧୨୭ ।

------------

୧୨୪ ।୧ବଦନ୍ତି ଅଗସ୍ତି ପରେ ଅନ୍ୟ ପୋଥିରେ ଅଧିକା ପାଠ-

ବଦୟନ୍ତି ଅଗସ୍ତି ଶୁଣ ଯୁଗ ମହୀ ରାଜନ ।
ବାଳୁଂ କୁତୋହୋଳ ଚରିତ ବିଧାନ । ।
ୟେକଦିନେ ପଣ୍ଡୁ ଗୁପତ ଥାନେ ବସି ।
ଶୋଇଲା ଠାବରୁ ବାଳୁତ ଉଠିଆସି । ।
ସମସ୍ତ ପଦାର୍ଥ ଯେ କରଇ ଉଚ୍ଛିଷ୍ଠ ।
ରାନ୍ଧଣାଶାଳେ ପଶି ପାଗ କରେ ନଷ୍ଟ । ।
ପଣ୍ଡୁ ଭିତରେ ପଶିଲେ ଗୁପତେ ।
ଧାତିକାରେ କପାଟ ଫେଡି ପଶିଲେ ଗୃହଗତେ । ।

୧୨୧ ।୨ରୟଣୀ-ରାତ୍ରି, ରଜନୀ    ୧୨୨ ।୨ମଡଫୁଲି-ଅନ୍ନବ୍ୟଞ୍ଜନାଦି

୧୨୫ ।୧ଗୁଳୁଗୁଞ୍ଜା-ଗୁଳୁଗୁଚା ମାରି, ପେଟେଇ ହାମୁଡି ଉଠି

୧୨୭ ।୧ମଡଫୁଲି ଘରେ-ରାନ୍ଧଣା ଘରେ

ବେସାଳିନ୍ତ କରେ ଘେନି ବିସ୍ତାର କରଇ ତୁଣ୍ଡ
ୟେକା ଗ୍ରାସକେ ଢୋକଇ ତ୍ରିପୁତି କରଇ ପିଣ୍ଡ । ୧୨୮ ।
ରାଗେଣ ପଣ୍ଡୁ ବୋଇଲେ କୋପ ସଂଘରି ନ ପାରି
ହାଣିମି ବୋଲି ସେ ଖଡଗ ବେଗେ ଲୋଡି । ୧୨୯ ।
ସାଂଜୋୟା ଶାଳେ ପଶି ଆଣନ୍ତେ ଅସିବର
ବାହାର ହୋଇ ପଳାଇ ସେ ବାଳୁତ କୁମର । ୧୩୦ ।
ଅସିପତ୍ର ଘେନି ରାୟେ ଅଛନ୍ତି ଗୋଡାଇ
ପବନହୁଂ ବେଗେ ବାଳୁତ କୁମର ପଳାଇ । ୧୩୧ ।
ବନ କନ୍ଦର ପର୍ବତ ନିର୍ଝର ଅଟବ୍ୟା
ମହାରାଜେ ଗୋଡାବନ୍ତି ପଣ୍ଡୁରାଜ ଦେବା । ୧୩୨ ।
ଭୀମସେନ ପଳାନ୍ତେ ପଣ୍ଡୁ ଗୋଡାଇ ପଛକତି
ପଣ୍ଡୁର ପଛେ ଅଗ୍ନି ବ୍ରାହ୍ମଣେକ ହୋଇଣ ଧାମନ୍ତି । ୧୩୩ ।
ପଣ୍ଡୁ ବୋଇଲେ ମୋହୋର ଅବଶ୍ୟ ନିୟମ
ନିଶ୍ଚୟେ ଆଜ ତୋର ଶିର ଛେଦି ବି ରେ ଭୀମ । ୧୩୪ ।
କୋଇନ୍ତା ମାଦ୍ରୀ ଦୁହେଂ ସ୍ନାହାନ କରି ଆସୁଥିଲେ
ଧାଇଂଣ କୋଳ କରି ପଣ୍ଡୁ ରାଜାଙ୍କୁ ଧଇଲେ । ୧୩୫ ।
ରାଗେଣ ମହାରାଜା ଯେ ଅନେକ ମନ୍ଦ ବୋଲି
କୋପେଣ ବେନି ଭାରିଯାନ୍ତ ପକାଇଲେ ପେଲି । ୧୩୬ ।
ବିକଳ ହୋଇ କରି ବୋଇଲେ କୋଇନ୍ତାୟେ
ଅଗ୍ୟାନେ ଦୋଷ କଲା ବାଳୁତ ତନୟେ । ୧୩୭ ।

----------

୧୨୮ ବେସାଳି ଟେକିଣ ବିସ୍ତାର କରେ ତୁଣ୍ଡେ
ଗରାସକେ କ୍ଷେପି ତୃପତି କରେ ପିଣ୍ଡେ ।

୧୩୦ ।୧ସାଂଜୋ ପରେ ବସିଣ କାଢନ୍ତେ ଅସିବର ।

୧୨୮ ।୧ବେସାଳିନ୍ତ-ବୃହତ୍ ଭୋଜନ ପାତ୍ର ବିଶେଷତଃ ପତ୍ରର ବଡ ଠୋଲା ବା ଦନା

(ମରହଟ୍ଟୀ-Molesworth Dictionary)

A plate or platles formed by leaves tacked together

୧୩୦ ।୧ସାଂଜୋୟା ଶାଳେ-ସାଞ୍ଜୁ-କବଚ-ଖଡଗ ରଖିବାର ଖୋଳ, ୟେଉଁ ଘରେ ସାଞ୍ଜମାନ ଥାଏ ।

କାହିଂର ପଣ୍ଡାୟେ ତୁମ୍ଭେ ଧର୍ମ ଦଇବତ

ପୁତ୍ର ଗୋଟିକ ମୋହୋର ରକ୍ଷା କରିବା ମହତ । ୧୩୮ ।
ରୋଦନ କରିଣ ଯେ ପଳାଇ ପୁତ୍ର ଆଗେ
ଅସିବର ଉହାଇ ଗୋଡାଇ ପଣ୍ଡୁ ରାଗେ । ୧୩୯ ।
ପଣ୍ଡୁର ପଛକତି ବିଚକ୍ଷଣ ବ୍ରାହ୍ମଣେକ ହୋଇ
ଅଗ୍ନି ଦେବତାୟେ ପଛେ ଅଛନ୍ତି ଗୋଡାଇ । ୧୪୦ ।
ତାହାଙ୍କର ପଛକତି କୋଇନ୍ତାୟେ ଗୋଡାବନ୍ତି
ମାଦ୍ରୀଦେବୀ ପଛରେ ଧାପ ଦେଇଛନ୍ତି । ୧୪୧ ।
ୟେମନ୍ତେପଳାଇ ସେ ଯେ ବାଳୁତ ନନ୍ଦନ
ଭୀମସେନ ପଳାଇଲା ଶତଷଠି ଯୋଜନ । ୧୪୨ ।
ଉର୍ଦ୍ଧ୍ୱବାହୁ ବୋଲିଣ ଯେ ପର୍ବତ ଗୋଟିଏ
ସନ୍ଧ୍ୟାବେଳେ ଝୁଣ୍ଟିଲା ତାହା ବାଳୁତ ତନୟେ । ୧୪୩ ।
ତିନି ଯୋଜନ ଆୟତନ ସେ ପର୍ବତ ପ୍ରଚଣ୍ଡା
ଭୀମସେନ ଝୁଣ୍ଟନ୍ତେଣ ହୋଇଲା ମସିଗୁଣ୍ଡା । ୧୪୪ । ସଂଖ୍ୟା
ସେ ପର୍ବତ ତଳେ ଅଛି ନଦୀ ଯେ ଗୋଟିୟେ
ତହିଂ ଯାଇ ହୁଡି ପଡିଲା ବାଳୁତ ତନୟେ । ୧୪୫ ।
ରାଗେ ଡେଇଂ ପଡିଲା ପଣ୍ଡୁ ବାଳୁତ ଉପର
ବାମ କରେ ଆକ୍ରୋଷି ଧଇଲା ଭୀମସେନର ବାଳ । ୧୪୬ ।
ଖଡଗ ଘେନିଣ ପଣ୍ଡୁ ହାଣି ଲୋଡଇ ନିର୍ଭରେ
ଖଣ୍ଡା ଧଇଲେ ଯାଇଂ ଦେବ ବୈଶ୍ୱାନରେ । ୧୪୭ ।
କୋପେଣ ଉଛୁତନ୍ତେ ପଣ୍ଡୁ ଦେବରାୟେ
ମାରିବି ୟେ ଦୁଷ୍ଟ ପୁତ୍ର ଛାଡ ହୋ ପଣ୍ଡାୟେ । ୧୪୮ ।

-----------

୧୩୮ କାହିଂର ପଣ୍ଡାୟେ ତୁମେ କାହିଂର ଦଇବତ ।
ପୁତ୍ର ଗୋଟିକ ମୋହୋର ରକ୍ଷା କରିବା ତପୋବନ୍ତ ।
୧୪୧ ତାହାଙ୍କର ପଛକତି ଗୋଡାବନ୍ତି ମାଦ୍ରୀ କୋଇନ୍ତା
ଅତି ବ୍ୟାକୁଳ ସେ ରାଜାର ବେନି ବନିତା
୧୪୬ ।୧ରାଗେଣ ଧାଇଂଣ ସେ ପଣ୍ଡୁ ମହୀପାଳ ।
୧୩୯ ।୨ଉହାଇ-ଉଭାକରି-ତୋଳି ୧୪୧ ।୨ ଧାପ-ବେଗରେ ଯାଉଛନ୍ତି ।

ଅଗ୍ନି ବୋଇଲେ ରାଜା କୋପ କି- । ୟେତେ
ଅଗ୍ୟାନ ବାଳକ ୟେହାର ଦୋଷ ଅଛି କେତେ । ୧୪୯ ।
ଆହୋ ରାଜା ତୁମ୍ଭେ ଥିର କରନି ନିଶ୍ୱାସ
ବାଳ ଛାଡି ରାୟେ ଥିର ହୋଇ ବସ । ୧୫୦ ।
କୁନ୍ତୀ ମାଦ୍ରୀ ଦୁହେଂ ରାଜା ବାମ ହସ୍ତକୁ ଧଇଲେ
କୌଣସି ମତେ ଚୂଳଗୋଟି ଛଡାଇ ନ ପାରିଲେ । ୧୫୧ ।
ବୈଶ୍ୱାନର ବୋଇଲେ ବାଳୁତର କିସ ଦୋଷ ବାବୁ
ସଞ୍ଚପି କରିଣ କହନି ମୋତେ ସବୁ । ୧୫୨ ।
ପଣ୍ଡୁ ବୋଇଲେ ତୁ ଶୁଣ ସୁଗ୍ୟାନୀ ଦ୍ୱିଜ ଶ୍ରେଷ୍ଠା
ପାକମାନ ସବୁ ମୋର କରି ଅଇଂଠା । ୧୫୩ ।
ଭାରିଯା କହନ୍ତି ମୁନି ଜାଣଇଂ ୟେମନ୍ତ
ପାକ ନାଶ କଲାନି ୟେ ବର୍ଷ ପରିଯନ୍ତ । ୧୫୪ ।
ଦେବ ପିତୃ ଅତିଥି ଅଗ୍ନି ଆଦି କରି
ୟେହାର ଉଚ୍ଛିଷ୍ଟମାନ ଦିଅଇ ସବୁଙ୍କୁହିଂ ନ ବିଚାରି । ୧୫୫ ।
ବରଷକ ଦିନୁଂ ୟେହାର ୟେହେନେକ ପ୍ରକୃତି
ୟେ ମନ୍ଦ ଦୁଷ୍ଟକୁ ମୁଂ ଥୋଇବି କେମନ୍ତି । ୧୫୬ ।

ଦଇନି କରୁଅଛି ପଣ୍ଡାୟେ ୟେହାର ପାଇଂ ନ ବୋଲ
ୟେହାର ବ୍ରତିଥିଲେ ମୋହୋର କାଳେହେଂ ନାହିଂ ଭଲ । ୧୫୭ ।
ସମସ୍ତ କ୍ରିୟା ମୋର ଭାଙ୍ଗିଲା ମହାଦୁଷ୍ଟ
ବାଳୁତ କାଳୁଂ ୟେହାର ହୋଇଲା ୟେଡେ ପେଟ । ୧୫୮ ।
ବୈଶ୍ୱାନର ବୋଇଲେ ପଣ୍ଡୁ ୟେମନ୍ତ ତୋର କଥା
କଣକଳ୍ପ ଦୋଷକୁ ଦେଉ ୟେତେକ ଅବସ୍ଥା । ୧୫୯ ।
ବାଳପୁଅ ଆବର ମାଛି ସଙ୍ଗେ ସରି
ଅଗ୍ୟାନ ମୂଢ ଲୋକ ସେ ୟେଥକୁ ବିଚାରି । ୧୬୦ ।
ତୁ ଯେ ବୋଇଲୁ ମୁଂ ଦିଅଇ ପିତୃ ଲୋକଙ୍କୁ
ପିତୃଲୋକେ ଆଶା କରନ୍ତି ବାଳୁତ ଉଚ୍ଛିଷ୍ଟକୁ । ୧୬୧ ।
ଯେବେ ବ୍ରହ୍ମହତ୍ୟା ଗୋହତ୍ୟା କରିଥିବ
ସନ୍ତାନ ଥିଲେ ଶାସ୍ତି ନ ଦିଅଇ ଯମ ଦେବ । ୧୬୨ ।

-----------

୧୫୯ ।୨ କଣକଳ୍ପ ଦୋଷକୁ ଶିର ଛେଦନ ଅବସ୍ଥା ।
୧୫୫ ।୨ ଉଚ୍ଛିଷ୍ଟ-ଉଚ୍ଛିଷ୍ଟ

ୟେ ଅବା ପାତକ କଲା ମୂର୍ଖ ଯେ ଅଗ୍ୟାନେ
ପୁତ୍ର ଗୋଟିଏ ଅଛି, ୟେହାର ମୋକ୍ଷ କରିବା କାରଣେ । ୧୬୩ ।
ସନ୍ତାନକୁ ଆଶ କରଇ ଯମର ବିଚାର
ତାହାକୁ ଶାସ୍ତି ଦେଇ ନ ପାରଇ ନାଶକର । ୧୬୪ ।
ଅନେକ ପୁଣ୍ୟ କରି ଯେବେ ଅପୁତ୍ରିକ ହୋଇ ମରଇ
ଅନେକ ଅବସ୍ଥା ତାକୁ ଦିଅଇ ଜନ୍ତୁସାଇଂ । ୧୬୫ ।
ଶଉଚ ଅଶଉଚ ହୋଇ ବ୍ରତିଥାଉ ବାଳ
ବଂଶକୁ କାରଣ ସେ ହୋଇଥାଇ ସର୍ବକାଳ । ୧୬୬ ।
ୟେହା ବିଚାର କର ତୁ ପଣ୍ଡୁ ମହୀପାଳ । ୧୬୭ ।
ବାଳୁତ ଅଇଂଠା ପାଇଲେ ପିତୃଗଣେ
ବହୁତ ସାନନ୍ଦ ତାଙ୍କର ଉପୁଜଇ ମନେ । ୧୬୮ ।
ପଣ୍ଡୁ ବୋଇଲେ ଯେବେ ପିତୃଲୋକେ ହୋଇଲେ ତ୍ରିପୁତି
ଇଷ୍ଟଦେବତାମାନନ୍ତ ଯେ ଅନ୍ନ ଦିଅଇ ମୁଂ ନିତି । ୧୬୯ ।
ସେ ଧର୍ମ ମୋହୋର ନାଶ ଗଲା ହୋ ଦ୍ୱିଜବର
ଛାତକି ନା ଖଡଗେ ଛେଦିବି ୟେହାର ଶିର । ୧୭୦ ।
ଦେବତାୟେ କାହିଂ ଥଆନ୍ତି ହୋ ମହାବୀରା
ଶରୀରରେ ସେ ନିଜ ଦେବତା ବଦନ୍ତି ଦୋହୋରା । ୧୭୧ ।
ପ୍ରଥମ ଶିର ତାଳୁରେ ବିଜେ କରନ୍ତି ବ୍ରହ୍ମା
କପାଳ ପାଟିରେ ହାଦେ ନାରାୟଣ ମହାତମା । ୧୭୨ ।
ଚନ୍ଦ୍ର ସୂର୍ଯ୍ୟ ଦେବତା ଅଟନ୍ତି ଚକ୍ଷୁ ବେନି
ନାସିକାୟେ ବସଇ ପବନ ମହାଗ୍ୟାନୀ । ୧୭୩ ।
ଦୁଇ ଆଡେ ଯେ କର୍ଣ୍ଣସ୍ଥଳୀ ବେନି
ରୁଦ୍ର ଦେବତା ବସଇ ଭୃକୁଟିଗଣ ଘେନି । ୧୭୪ ।
ବେନି ଶ୍ରବଣେ ବସଇ ରାୟେ ଚଇତନ
ଗର୍ଭଭେଦି ବସଇ ରାୟେ ଶୂନ୍ୟ ନିରଞ୍ଜନ । ୧୭୫ ।

-----------

୧୬୮ ବାଳୁତ ଉଚ୍ଛିଷ୍ଟ ଇଛନ୍ତି ପିତୃଗଣେ
ୟେସନେକ ବାଣୀ ସେ ଉପୁଜେ ପୁରାଣେ ।
୧୭୧ ।୨ ଶରୀରେ ସକଳ ଦେବେ ବସନ୍ତି ବୋଲନ୍ତି ଦୋହୋରା ।

୧୭୨।୧ଦୋହୋରା-ଅଗ୍ନି

ବତିଶ ଦନ୍ତ ଯେ ବସଇ ବେନି ପାଟି
ବଜ୍ର ନିର୍ଘାତ ବସନ୍ତି ଗ୍ରହଗଣ ଘେନିଟି । ୧୭୬ ।
ଅନୁସରି ରୁଚିର ସଦନ ମଉଳି
ଶୁକ୍ର ବୃହସ୍ପତି ବସନ୍ତି ବେନି ଯେ ଚହଳି । ୧୭୭ ।
ରକ୍ଷ ତୁଲେ ବସଇ ଯେବଣ ଓଷ୍ଠ
ସେହି ସେ ଇନ୍ଦ୍ର ଆସନ କରଇ ସୁର ରାଷ୍ଟ । ୧୭୮ ।
ଗଣ୍ଡସ୍ଥଳ ଆବୋରି ବସନ୍ତି ପଞ୍ଚତିରିଶ ଦେବତା
କୃତ କୃତାନ୍ତକଗଣ ଆଦି ଜିତା । ୧୭୯ । ସଂଖ୍ୟା
ସଲୀଳ ଶଇଳ ଶୋଭାବନ ସମୀର
ମନ ତଲୟେ ଯେ ଗ୍ୟାନ ବୁଦ୍ଧି କଣ୍ଠର । ୧୮୦ ।
କଣ୍ଠର ତଳେ ବସନ୍ତି ଯେତେକ ଦେବତା
ହୃଦଗତେ ରୋମେ ବସନ୍ତି ନକ୍ଷତ୍ର ଅପ୍ରମିତା । ୧୮୧ ।
ଦ୍ୱାଦଶ ବିଶ୍ୱେଦେବା ବସନ୍ତି ହୃଦଗତେ
ସନକ ସନାତନ ବସନ୍ତି କରସ୍ଥଳ ଯୁଗତେ । ୧୮୨ ।
ଚଉଦ ବିଦ୍ୟାୟେ ବସନ୍ତି ବେନି କରସ୍ଥଳୀ
ସାଧନ ତଲୟେ ବସନ୍ତି ଆକ୍ରଷଣ ମହାବଳୀ । ୧୮୩ ।
ପ୍ରାକର୍ମ ଗ୍ୟାନବନ୍ତ ବଳବନ୍ତ ଶକତା
ବେନି ଭୁଜେ ବସନ୍ତି ସତାଇଶ ଦେବତା । ୧୮୪ ।
ନାଭିଠାରୁ ଉପରକୁ ତାଳୁ ବ୍ରହ୍ମଦ୍ୱାର ଯାକେ
ୟେଥେଂ ଭୋଗ କରନ୍ତି ତେତିଶ କୋଟି ଦେବଲୋକେ । ୧୮୫ । ସଂଖ୍ୟା
ପିତୃ ଦଇବତ ପୁରୁଷ ବସନ୍ତି ନାଭିମଣ୍ଡଳ ମାଡି
ସଂକଳ୍ପ ଉଦକ ଅନ୍ତେ ସେହୁ ଯାନ୍ତି ଛାଡି । ୧୮୬ ।
ତିନି ଦିହୁଡିୟେ ଆକାଶକୁ ଉଜାଣି
ଧାତୁ ଭେଦି ତଳକୁ ବହଇ ନବଝର ପାଣି । ୧୮୭ ।
---------
୧୭୬।୨ବେନି ବଜ୍ର ପାଟି ଆପଣେ ଅଗ୍ନି ସେଟି ।

ଉପରକୁ ବହଇ ଧାରେ ତଳକୁ ବହଇ ଧାରେ
ଆଗକୁ ବହଇ ଧାରେ ଧାରେକ ପଡଇ ଆକାଶରେ । ୧୮୮ ।
ପୃଥିବୀ ଆପ ତେଜ ବାୟବ୍ୟ ଆକାଶ
ପଞ୍ଚଧାତୁ ଭେଦି ୟେ ଦ୍ୱାଦଶ ପୁରୁଷ । ୧୮୯ ।
କାଳ କାମ ଅର୍ଥ ଧର୍ମ ଅନୁସ୍ୱାର ପାଞ୍ଚ
ସିଦ୍ଧ ପୁରୁଷମାନଙ୍କ ୟେ ଦୃଢ ସଞ୍ଚ । ୧୯୦ ।
ବେନି ଜାନୁ ମାଡି ନାଭି ମଣ୍ଡଳ ପରିଯନ୍ତେ
ଯୋଗ ପୁରୁଷମାନେ ୟେଥେ ବସନ୍ତି ପଞ୍ଚଶତେ । ୧୯୧ ।
ତୁ ୟେ ବୋଇଲୁ ମୁଂ ଦେବତାଙ୍କୁ ଦିଅଇ ଅନ୍ନ
ଶରୀରେ ସେ ଥାନ୍ତି ନା ସମସ୍ତ ଦେବତାମାନ । ୧୯୨ ।
ପଣ୍ଡୁ ବୋଇଲେ ଯେ ଭୂମିରେ ପତ୍ର ପାତି
ନାମ ସଂକେତ କରି ଯେ କରସ୍ଥଳେ ପାଣି ଛାଡି । ୧୯୩ ।
ପଣ୍ଡାୟେ ବୋଇଲେ ତାହା ଆମ୍ଭେ କହୁଂ ତୋହୋର ଆଗେ
ସେ ଅନ୍ନକୁ ପାଆନ୍ତି ଯେ ଅଷ୍ଟକୁଳା ନାଗେ । ୧୯୪ ।
ହାଣ୍ଡିୟା ଚାଣ୍ଡାଳିୟା ଆମ୍ବୁଆ କ୍ଷାଙ୍କରା
ଭାଲୁଙ୍କା ରାକ୍ଷସା କ୍ଷେପଣୀ କ୍ଷେତ୍ରପାଳା । ୧୯୫ ।

ଯେତେକ ପିଶାଚ ବୀରମାନେ ଅଇଂଠା ଚଣ୍ଡବୋଲି
ପ୍ରତିବାୟେ ଭୁଞ୍ଜିଲେ ପତ୍ରେ ଦିଅଇ କର ତୋଳି । ୧୯୬ ।
ପତ୍ରରୁ ଯାଇଣ ଯେବେ ପଡଇ ଭୂଇଂରେ
ତାହା ଆହାର କରନ୍ତି ଅଇଂଠା ଅଷ୍ଟବୀରେ । ୧୯୭ ।
ପଞ୍ଚ ଅସୁର ଅଛନ୍ତି ହୋ ପଞ୍ଚଭୂତ ଆତ୍ମାକୁ
ବାହାରେ ମେଞ୍ଚାୟେ ଦେଲେ ସେ ଭୋଗ୍ୟ ହୋଅଇ ତାହାଙ୍କୁ । ୧୯୮ ।
ଚଣ୍ଡ ପ୍ରଚଣ୍ଡ ଦୃଦଣ୍ଡ ମହାକାଳ ଅନଳ
ସେ ମେଞ୍ଚିକି ଖାଇ ଜୀଅନ୍ତି ଯେମାନେ ରକ୍ଷାପାଳ । ୧୯୯ ।
-----------
୧୯୧ ।୧ବେନି ନାଡିବାଡି କମଳ ପରିଯନ୍ତେ ।
୧୯୫ ହାଣ୍ଡିଆ ପଖାଳିଆ ଆନ୍ତିଆ ଖକିରା ଅନ୍ନ
ତାରକା ରାକ୍ଷାସୁଣୀ ଖାଖର ପ୍ରେତମାନ
୧୯୬ ।୧ଯେତେକ ପିଶାଚ ଚଣ୍ଡମାନେ ଅଇଂଠା ବୀର ବୋଲି

ବାହାର ମେଞ୍ଚିୟେ ନ ଦେଇ ଭୁଞ୍ଜନ୍ତି ଯେ ଅନ୍ନ
ଅସୁର ଭୋଜନ ହାଦେ ହୋଇଚି ସେଦିନ । ୨୦୦ ।
ହିରଣ୍ୟଗର୍ଭ ବୋଲି ଅଷ୍ଟ ହସ୍ତୀବର ବିଧାନ
ପାଦ ଅରବିନ୍ଦେ ହୋଅଇ ଗୋପ୍ୟାନ । ୨୦୧ ।
ପାଦ ଶଉଚ ଜଳରେ ସେହୁଅନ୍ତି ତ୍ରିପୁତି
ସମସ୍ତ ଦେବତାୟେ ଯେ ଶରୀରେ ଅଛନ୍ତି । ୨୦୨ ।
ଜନଜନ୍ତୁ ଥିଲେ ସେ ଦେବତାୟେ ପାଆନ୍ତି ପୂଜା
ଆପଣେ ଅତି ତ୍ରିପୁତି ହୋଇଲେ ସମସ୍ତେ ହୁଅନ୍ତି ପୂଜା । ୨୦୩ ।
ପଣ୍ଡୁ ବୋଇଲେ ହୋ ଦେବତାୟେ ହୋଇଲେ ତ୍ରିପୁତି
ଦୋହରା ଅଗ୍ନିରେ ମୁଂ ଆହୁତି ଦିଅଇ ନିତି । ୨୦୪ ।
ଅଗ୍ନିକି ଅତ୍ରିପୁତି କଲେ ନାଶଯାଇ ପିଣ୍ଡ
ୟେ ଯେ ଅନୀତି କଲା ପୁତ୍ରର କେମନ୍ତେ ନ କାଟିବି ମୁଣ୍ଡ । ୨୦୫ ।
ପଣ୍ଡା ବୋଇଲେ ତୁ ନ ଜାଣି ହୁଡିଲୁ ୟେବେ
ଅଗ୍ନି ଦେବତାୟେ ଥାଆନ୍ତି ସବୁଙ୍କରି ଗର୍ଭେ । ୨୦୬ ।
ସବ୍ୟେ ଅସବ୍ୟେ ଯବେ କରଇ ଭକ୍ଷ
ସମସ୍ତ ଦହନ କରଇ ସେ ଅଗ୍ନି ପରତକ୍ଷ । ୨୦୭ ।
ଅଗ୍ନି ଦେବତାୟେ ନ ଜାଣନ୍ତି ନା ଉଚ୍ଛିଷ୍ଟ
ସମସ୍ତ ଭକ୍ଷନ୍ତି ୟେ କ୍ରୋଟାନଳ ଦୁଷ୍ଟ । ୨୦୮ ।
ଉଚ୍ଛିଷ୍ଟ ଅଣଉଚ୍ଛିଷ୍ଟ ସେ ନ ଜାଣନ୍ତି କିଛି
ଦହନ ପାନ ପୁରୁଷ ସେ ସମସ୍ତ ପାରେ ଭଛି । ୨୦୯ ।
କହୁ କହୁ ରୋଷେଣ କହିଲେ ମହାତମା
ଆମ୍ଭେ ସେ ଦୋହରା ଅଗ୍ନି ବୈଶ୍ୱାନର ଦେବବ୍ରହ୍ମା । ୨୧୦ ।
ତୁ ଆଜ ସିନା ଦେଖିଲୁ ହୋ ପଣ୍ଡୁ
ଦେଢବରଷ ହୋଇଲାନି ହୋ ଉଚ୍ଛିଷ୍ଟ ମାନ ଛାଡୁ । ୨୧୧ ।
---------
୨୦୧ ।୧ହିରଣ୍ୟଗର୍ଭ ବୋଲି ଆଠହାତୀ ବର୍ଦ୍ଧମାନ ।
୨୦୩ ।୨ଆପଣେ ତ୍ରିପୁତି ସେ ଆପଣେ ହନ୍ତି ପୂଜା ।
୨୦୮ ।୨ସମସ୍ତ ଭକ୍ଷନ୍ତି ୟେ କ୍ରୋଟାନଳ ପ୍ରତକ୍ଷ ।
୨୦୮ ।୨ଦୁଷ୍ଟ-ପ୍ରତ୍ୟକ୍ଷ

ସମସ୍ତ ଭକ୍ଷି ଆମେ ହୋଉ ଯେ ତ୍ରିପୁତି

ବାଳୁତଙ୍କର ଦୋଷ ଘେନିବାର ନୋହଇ ଯୁଗତି । ୨୧୨ ।
ଅଗ୍ନିର ପ୍ରତିବାକ୍ୟେ ଶାନ୍ତ ପଣ୍ଡୁରାଜା
ତତକ୍ଷଣେ କେଶ ରାଜା ଛାଡିଲା ଆତ୍ମଜା । ୨୧୩ ।
ପଣ୍ଡୁ ବୋଇଲେ ଯେବେ ବୈଶ୍ୱାନର ଦେବ
ତୁମ୍ଭ ନିଜ ସରୂପ ମୋତେ ଦେଖାଇବ । ୨୧୪ ।
ଯେମନ୍ତେ ମୋହୋର ମନେ ପ୍ରତେ ଯାଇଂ
ନିଜ ସରୂପ ମୋତେ ଦେଖାଇବା ଗୋସାଇଂ । ୨୧୫ ।
ପଣ୍ଡୁର ବଚନେ ବୋଲନ୍ତି ବୈଶ୍ୱାନର
ମୋହୋର ନିଜ ସରୂପ ଯେବେ ଦେଖିବାକୁ ଶରଧା ତୋହୋର । ୨୧୬ ।
ପଣ୍ଡୁ ବୋଇଲେ ଦେବ ସ– ଦ ନିମନ୍ତେ
ନିଜ ଶରୀର ଦେଖାଇବା ମୋତେ । ୨୧୭ ।
ପଣ୍ଡୁର ବଚନେ ସାନନ୍ଦେ ଅଗ୍ନି ଦଇବତେ
ଆପଣାର ନିଜ ଶରୀର ବିକାଶିଲେ ଜଗତେ । ୨୧୮ ।
ମହା ଅନଳ ବିକାଶିଲା ଜ୍ୟୋତି
କୋଟିୟେ ତେଜ ହୋଇ ବିକାଶିଲେ ଅଗ୍ନି ମୂର୍ତ୍ତି । ୨୧୯ ।
ମହା କାଳାନଳ ବିକାଶିଲା କାୟେ
ଦେଖିଣ ପଣ୍ଡୁକୁ ଲାଗିଲା ମହାଭୟେ । ୨୨୦ ।
ଭୟେଣ ଅନ୍ତର ହେଲେ ନୃପମଣି
କୋଇନ୍ତା ମାଦ୍ରୀ ପଳାଇଲେ ବେନି ରାଣୀ । ୨୨୧ ।
ମହାଭୟେ ପଣ୍ଡୁ ପଳାଇଲେ ବହନ
ଅଗ୍ନି ଦେବତା ପାରୁଶେ ଅଛଇ ଭୀମସେନ । ୨୨୨ ।
ଅନଳ ଜ୍ୟୋତିକି ତାର କିଛି ଭୟ ନାହିଂ
ଅଗ୍ନି ଦେବତାଙ୍କ କୋଳେ ଅଛି ରହି । ୨୨୩ ।
ମହା ଭୟେ କରି ପଳାଇଲେ ନୃପବର
ବେନି ରାଣୀ ଘେନି ରହିଲେ ଯୋଜନକ ଅନ୍ତର । ୨୨୪ ।
ଦୋହୋରାଙ୍କ ମୂର୍ତ୍ତି ଦେଖି ପଣ୍ଡୁ ନୃପତି
ଅଗ୍ନି ଦେବତାଙ୍କୁ କରଇ ବହୁତ ତୁସ୍ତି । ୨୨୫ ।

ଜୟ ତୁ ବୈଶ୍ୱାନର ଅନାଦି ସିଦ୍ଧ ଦେବତା
ଜୟ ତୁ ବୈଶ୍ୱାନର ସୟଳ ଦହନ୍ତା । ୨୨୬ ।
ଜୟ ତୁ ବୈଶ୍ୱାନର ଅନନ୍ତ କାଳବଞ୍ଚା
ଜୟ ତୁ ବୈଶ୍ୱାନର ଅନନ୍ତ ରୂପ ସଞ୍ଚା । ୨୨୭ ।
ଜୟ ତୁ ବୈଶ୍ୱାନର ଅନାଦି ସିଦ୍ଧ ବ୍ରହ୍ମ
ଜୟ ତୁ ବୈଶ୍ୱାନର ଦାବାନଳ ମହାତ୍ମା । ୨୨୮ ।
ପିଙ୍ଗଳ ଜଟାଶିର ରୂପ ଅନଳ ବ୍ରହ୍ମ
ଜୟ ତୁ ବୈଶ୍ୱାନର ଯଗ୍ୟରେ ପୂର୍ଣ୍ଣକାମ । ୨୨୯ ।
ଜୟ ତୁ ଜୟ ଦେବ ଜ୍ୱଳିତ ଅନଳ
ହାଡୋଳା ଲହରୀ ଦେବ ତୁହି ସେ ମହାବଳ । ୨୩୦ ।
ଜୟ ତୁ ଜୟ ତୁ ଦେବ କ୍ରୋଟ ଅନଳ ନାଥା
ବ୍ରହ୍ମ ନିରାକାର ମହାତ୍ମା ଆକାଶ କରତା । ୨୩୧ ।
ଜୟ ତୁ ଜୟ ତୁ ଦେବ ଯୋଗ ଯେ ଅନଳ
ଜୟ ତୁ ଜୟ ତୁ ଦେବ ବଡବା ଅନଳ । ୨୩୨ ।
ଜୟ ତୁ ଜୟ ତୁ ନିର୍ଘାତ ବଜ୍ର ସଚୀ
ଜୟ ତୁ ଜୟ ତୁ ଦେବ ପାତାଳ ଅନଳ ରୁଚି । ୨୩୩ ।
ଜୟ ତୁ ଜୟ ତୁ ଦେବ ମହାବ୍ରହ୍ମ ଅଗ୍ନି

ଜୟ ତୁ ଜୟ ତୁ ସୁର ତରଙ୍ଗ ମୁନି । ୨୩୪ ।
ଜୟ ତୁ ଜୟ ତୁ ଦେବ ନିତ୍ୟକର୍ମ ଦୋହୋରା
ଜୟ ତୁ ଜୟ ତୁ ଦେବ ସର୍ବଭକ୍ଷ ସଚରା । ୨୩୫ ।
ଜୟ ତୁ ଜୟ ତୁ ଦେବ ସ୍ୱାହା ସ୍ୱଧା ଚରଣେ ନମାମି
ମୁହିଂ ତୋହୋର ଚରଣ ତଳେ ଶତେ ସହସ୍ର ଦଣ୍ଡ ପରଣାମି । ୨୩୬ । ସଂଖ୍ୟା
ଗୋପ୍ୟାନ ପୁରୁଷ ସ୍ୱାମୀ ତୁ ସମସ୍ତ ପ୍ରତିପାଳୁ
ନିରାକାର ଦଇବତ ତୁ ଚଳୁ ଯେ ଅଚଳୁ । ୨୩୭ ।
ଶରଦ ଶିଶିର ହେମ ବସନ୍ତ, ଗ୍ରୀଷମ ବରଷା
ଯେ ଛଡ ଋତୁ ହେତୁ ତୁ ଦ୍ୱାଦଶ ଯେ ମାସା । ୨୩୮ ।
ଋତୁକେ ହେଉ ତୁ ଆନ ଆନ ଯେ ମୂରତି
ତୋହୋର ଉଚ୍ଛିଷ୍ଟ ଖାଇ ସଚରାଚର ବର୍ତ୍ତି । ୨୩୯ ।

-------

୨୩୩ ।୨ଜୟ ତୁ ଜୟ ତୁ ଦେବ ପାତାଳ ଅନଳଗ୍ରାସୀ ।

କାହିଂରେଣ ଅଛୁ ନାଥ ହାଦେ କାହିଂରେଣ ନାହୁଂ
ଆହାରେଣ ଦର୍ପ ତୋହୋର ଗୋପ୍ୟାନେ ଦେଖାଉ । ୨୪୦ ।
ଶ୍ୱେତ ରାଜା ଯଗ୍ୟେଂ ଦେବ ଅନେକ ଘୃତ ଭକ୍ଷି
ଲୁଦୁବୁଦ ହୋଇ ଦେବ ମନ୍ଦାଗ୍ନି ହୋଇଅଛି । ୨୪୧ ।
କେବଣ ପୁରୁଷ ସଞ୍ଚପି କହିବ ତୋହୋର ଚିହ୍ନବର୍ଣ୍ଣ ଗୋଟି
ଯେକଲଯେ ସରଇ ମେଦିନୀ ନବ କୋଟି । ୨୪୨ । ସଂଖ୍ୟା
ସ୍ୱେଦଜ, ଅଣ୍ଡଜ, ଉଦ୍ଭିଜ୍ଜ, ଜରାୟୁଜ ଚାରିଖାନି
ବିନା ଅଗ୍ନିରେ ତ କେହି ନ ବ୍ରତନ୍ତି ପ୍ରାଣୀ । ୨୪୩ ।
ଭିତରେ ଦେବ ତୁହି ବାହାରେ ଦେବ ତୁହି
ମହା ଅନଳ ରୂପେଣ ଦେବ ସକଳ ଦ୍ରବ୍ୟ ଦହି । ୨୪୪ ।
ନାନା ପାତକ ଯେବେ କରିଥିବ ପ୍ରାଣୀ
ହୋମ କରିଣ ତୋର ତହିଂ ପକାବନ୍ତି ଆଣି । ୨୪୫ ।
ଅଭୟା ପୁରୁଷ ତୁ ସମସ୍ତ ଦେବ ବହୁ
ଆପଣା ଶରୀରରେ ଲାଇ ଦେବ ସର୍ବପାପ ଦହୁ । ୨୪୬ ।
ସାଧୁ ମାହେଶ୍ୱରୀ ସେ ଦକ୍ଷର କୁମାରୀ
ତବ ତେଜ ଶୀତଳ କଲେ ହୋଇଲେ ମନୋହାରୀ । ୨୪୭ ।
ଶ୍ରୀ ଦୋହୋରା ଅଗ୍ନିଙ୍କର ସେବେ ପଦ୍ମପାଦେ
ଧର୍ମ ବର୍ଦ୍ଧିତ ହୋଇବ ସ୍ୱାମୀ ତୋହୋର ପ୍ରସାଦେ । ୨୪୮ ।
ଶ୍ରୀ ବୈଶ୍ୱାନର ଅଗ୍ନିଙ୍କର ଚରଣେ ମୁହିଂ ଦାସ
ଶୂଦ୍ରମୁନି ସାରୋଳାଦାସ ଜନ୍ମେ ଜନ୍ମେ ଅଭ୍ୟାସ । ୨୪୯ ।
ଯେସନେକ ସ୍ତୁତି ଯହୁ କଲେ ପଣ୍ଡୁ ନୃପତି
ମହାତେଜ ଛାଡି ଅଗ୍ନି ହୋଇଲେ ଶାନ୍ତିମୂର୍ତ୍ତି । ୨୫୦ ।
ପଣ୍ଡୁ କୋଇନ୍ତା ମାଦ୍ରୀ ହୋଇଲେ ସନ୍ନିଧାନ
ଦେଖି ଅଗ୍ନି ଦେବତା ହୋଇଲେ ତୋଷମନ । ୨୫୧ ।

-----------

୨୪୦ କାହିଂରେ ଅଛୁ, କେଉଂଠାରେ ନାହୁଂ
କାହାରେଣ ଦର୍ପ ତୁ ତୋହୋର ଦେଖାଉ ।।
ପଣ୍ଡୁ ବୋଇଲେ ନିଜ ରୂପ ମୋତେ କି- । ନ ଦେଖାଉ ।।
୨୪୪ ।୨କାଳାନଳ ରୂପେଣ ତୁମେ ସକଳ ଜନ୍ତୁ ଦହି ।

କୋଇନ୍ତା ମାଦ୍ରୀ ଦେବୀ ଦୁହେଂ ଆୟେ

ପ୍ରଣପତ୍ୟ ହେଲେ ଅଗ୍ନି ଦେବତାଙ୍କ ପାୟେ । ୨୫୨ ।
ଭୀମସେନଙ୍କୁ ଆଶ୍ୱାସନା କଲେ ବୈଶ୍ୱାନର
ଶାନ୍ତି ହୋଇ ମହାତ୍ମା ତାଙ୍କୁ ଦିଲେ ବର । ୨୫୩ ।
ବୈଶ୍ୱାନର ବୋଇଲେ ତୋହୋର ଆହାରେ ଏତେ ଶ୍ରଦ୍ଧା
କ୍ରୋଟ ଅନଳେ ତୋତେ ହୋଉ ବଡ଼ କ୍ଷୁଧା । ୨୫୪ ।
ଆହାରେ ଅତ୍ରିପୁତି ହୁଅସି ରେ ଭୀମା
ଆହୋ ପଣ୍ଡୁ ଯେ ପୁତ୍ର ତୋହୋର ଉଦ୍ଧରିବ ସୀମା । ୨୫୫ ।
ପଣ୍ଡୁ ବୋଇଲେ ଯେ ଆଜହୁଂ ଯେତେ ଅତ୍ରିପୁତି
ଅସଂକ୍ଷେପକ ଖାଇବ ଯେ କାହୁଂ ଦେବି ନିତି । ୨୫୬ ।
ଦୋହୋରାୟେ ବୋଇଲେ ଆମ୍ଭେ ହୋଇଲୁ ପ୍ରସନ୍ନ
ନିତିପ୍ରତି ରାନ୍ଧଣା ଯେହାକୁ ହୋଇବ ବିଦ୍ୟମାନ । ୨୫୭ ।
ଗଉରୀ ଶଉରୀ ଆବର ନଳବିଧି
ଯେ ତିନି ପାକ ଯେହାକୁ ହୋଇବ ପରସିଦ୍ଧି । ୨୫୮ ।
ଅକଟା ଅବଟା ଯେ କଞ୍ଚା ଯୋଗାଡର
ଯେହା ହସ୍ତ ଲାଗନ୍ତେ ହୋଇବ ଅମିୟ ରସସାର । ୨୫୯ ।
ଭୋଜନେ ଅତ୍ରିପୁତି ହୋଉ ତୋହୋର ବଳା
ସଂଗ୍ରାମେ ଅତ୍ରିପୁତ୍ରି ହୋଉ ଅଚାର୍ଗଳା । ୨୬୦ ।
ଶୃଙ୍ଗାରେ ଅତ୍ରିପୁତ୍ରି ହୁଅସି ରେ ଭୀମ
ବ୍ରିକୋଦର ମୂରତିକି ତୋର କେହି ନୋହିବେ ସମ । ୨୬୧ ।
ଶୁଣ ବଇବସୁତ ମନୁ ବଦନ୍ତି ଅଗସ୍ତି
ପଣ୍ଡୁ ପ୍ରଣପତ୍ୟ ହେଲେ ବୈଶ୍ୱାନର କତି । ୨୬୨ ।
ବହୁତ ପ୍ରସନ୍ନ ହେଲେ ବାଳୁତ କୁମରକୁ
ବୈଶ୍ୱାନର ପ୍ରସନ୍ନ ହୋଇଲେ ଭୀମସେନକୁ । ୨୬୩ ।
ବର ଦେଇ ବୈଶ୍ୱାନର ଗଲେ ଅନ୍ତର୍ଧାନେ
ପଣ୍ଡୁ ବାହୁଡି ବିଜେ କଲେ ମନୋହର ବନେ । ୨୬୪ ।
ଭୀମସେନକୁ କାଖେ ଘେନିଲେ ପଣ୍ଡୁ ରାଜା
ତାହାଙ୍କର ପଛରେ ଗୋଡାବନ୍ତି ବେନି ଯେ ଭାରିଯା । ୨୬୫ ।
ପ୍ରବେଶ ହୋଇଲେ ଯାଇ ଶତଶିଂଗ ପର୍ବତେ
ପୁତ୍ର ଭାରିଯା ଘେନି ରହିଲେ ନିଷ୍ଚିନ୍ତେ । ୨୬୬ ।
ବଇବସୁତ ମନୁ ପଚାରିଲେ ଅଗସ୍ତି ମହାଦେବ
କୋଇନ୍ତାଙ୍କ କଥା ତ ଅତି ଅସମ୍ଭବ । ୨୬୭ ।
ଧର୍ମ ଦେବତାଙ୍କର ସେ ସହିଲା ଆରଦୋଳି
ପବନ ଦେବତା ଯେ ସେ ଅଟଇ ମହାବଳୀ । ୨୬୮ ।
ମାନବୀ ହୋଇଣ ସେ ଦେବତାଙ୍କୁ ଦିଅଇ ରତି
ଯେ ବଡ ଆଶ୍ରିଜ କଥା କହିବା ଅଗସ୍ତି । ୨୬୯ ।
ଶୁଣ ହୋ ମନୁ ପୁରୁଷ ବଦୟନ୍ତି ଅଗସ୍ତି ମହାମୁନ୍ୟେ
ସତ୍ୟଯୁଗେ ଅଞ୍ଜନା ଯେ ଅଟଇ ପୂର୍ବଜନ୍ମେ । ୨୭୦ ।
ସେକାଳେ ପବନ ଦେବତା ସଙ୍ଗରେ ପୀରତି
ଈଶ୍ୱର ବୀର୍ଯ୍ୟ ଆଣି ଦିଲାକ ତତତି । ୨୭୧ ।
ସେ ବୀର୍ଯ୍ୟ ସମ୍ଭାଳି ଇଛିଲା ଗର୍ଭଗତେ
ତହୁଂ ଜନ୍ମ ହୋଇଲେ ବୀର ହନୁମନ୍ତେ । ୨୭୨ ।
ସେ ହନୁମନ୍ତଟି ତ୍ରେତୟା ଯୁଗେ ମହାମଲ୍ଲ
ଶ୍ରୀ ରାମଚନ୍ଦ୍ର ତାହାକୁ ବୁଝେଲେକ ଭଲ । ୨୭୩ ।
ସତ୍ୟଯୁଗରେ ଯେ ଅଞ୍ଜନା ରୂପ ଧରି
ଯେବେ କୋନ୍ତୋଭୋଜ ରାଜାର ଘରେ ଅବତରି । ୨୭୪ ।

ଦ୍ୱାପରଯୁଗେ ଯେ ସେ ଭାରା ନିବାରିବା ଅର୍ଥେ
ପବନ ଦେବତା ଆସି ସମ୍ଭୃର୍ବେ ଭେଟିଲା ଯୁଗତେ । ୨୭୫ ।
ତହୁଂଟି ଜାତ କଲେ ଭୀମସେନ ତାହାର ପୁତ୍ର
ଯେ ଯୁଗେ ଭାଗ ଯେ କରିବ ରସାଂଗତ । ୨୭୬ ।
ଶତଶିଂଗ ବହୁତ କଲା କୋଇନ୍ତାଙ୍କୁ ବିନୟେ
କୋଇନ୍ତାଙ୍କୁ ପଣ୍ଡୁ ରାଜା କଲାକ ମହାଭୟେ । ୨୭୭ ।
ମୁହିଂ ଅଗ୍ୟାନ ଯେ ଗ୍ୟାନ ମୋର ନାହିଂ
ତୁ ଅନାଦି ଅପର୍ଣ୍ଣା ଅଛୁ ଯେହେନେକ ରୂପ ବହି । ୨୭୮ ।
ଶତଶିଂଗ ପର୍ବତ କହନ୍ତେ ତୁ ଅଟୁ ମହାଦେବୀ
ଆଝୁଂ କୋଇନ୍ତା ଗୋ ତୋତେ ଥିବି ମୁହିଂ ସେବି । ୨୭୯ ।
କହିଣ ପର୍ବତ ଯେ ହୋଇଲା ଗୋପ୍ୟାନ
କୋଇନ୍ତାୟେ ବିନୟ ଭାବେ ଖଟନ୍ତି ପବନ । ୨୮୦ ।
ଯୁଝେଷ୍ଠି ଭୀମସେନ କୋଇନ୍ତାଙ୍କର ପୁତ୍ର ବେନି
ଅତିସ୍ନେହେ ପାଳନ୍ତି ମାଦ୍ରୀ ମକରଧ୍ୱଜର ନନ୍ଦିନୀ । ୨୮୧ ।
ଭୀମସେନର ସପତ ବରଷ ଉତ୍ତାରେ
ଦୁଷ୍ଟ ପ୍ରକୃତି ଦେଖି କୋଇନ୍ତାୟେ କରନ୍ତି ବିଚାରେ । ୨୮୨ ।
ବଳବନ୍ତ ମୂର୍ଖ ଯେ ହୋଇବ ଅପଣ୍ଡିତ
ଧନୁ ଶହସ୍ର ବିଦ୍ୟାରେ ଯେ ନୋହିବ ନିର୍ଜିତ । ୨୮୩-୨୫୯୦ ।

--------------

୨୭୬ ।୨ଯେ ଯୁଗେ ଭାର ଯେ କରିବ ସମାପତ ।

***************